# NATIONAL NEWS BULLETIN (ODIA)

**7 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆଦିବାସୀ ସଂସ୍କୃତି, ପରମ୍ପରା ଓ ଭାଷାର ଉନ୍ନତି ଦିଗରେ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି, କହିଲେ ରାଷ୍ଟ୍ରପତି
- ନୂଆଦିଲ୍ଲୀରେ ଆସନ୍ତାକାଲି ୩୩ ହଜାର ୫ଶହ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ
- ଅଣସବ୍‌ସିଡିଯୁକ୍ତ ଘରୋଇ ଏବଂ ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ବୃଦ୍ଧି
- ନେପାଳ ସାଧାରଣ ନିର୍ବାଚନରେ ବାଲେନ୍ଦ୍ର ଶାହାଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ସ୍ୱାଧୀନତା ପାର୍ଟି ବୃହତ ବିଜୟ ଆଡ଼କୁ ହେଉଛି ଅଗ୍ରସର

ଏବଂ

- ଚୁକ୍ତି ନୁହେଁ ବରଂ ସହିତ ନିଃସର୍ତ୍ତ ଆତ୍ମସମର୍ପଣ ପାଇଁ ଇରାନକୁ ଆହ୍ୱାନ ଦେଲେ ଆମେରିକା ରାଷ୍ଟ୍ରପତି

## ପ୍ରେଜ୍-ସାନ୍ତାଳ କନ୍‌ଫରେନ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଆଦିବାସୀ ସଂପ୍ରଦାୟ, ସେମାନଙ୍କର ସାଂସ୍କୃତିକ ପରମ୍ପରା ଏବଂ ଭାଷାର ସର୍ବାଙ୍ଗୀନ ଉନ୍ନତି

ଦିଗରେ କେନ୍ଦ୍ର ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି । ପଶ୍ଚିମବଙ୍ଗର ଦାର୍ଜିଲିଙ୍ଗ୍‌ଠାରେ ଆୟୋଜିତ ନବମ ଅନ୍ତର୍ଜାତୀୟ ସାନ୍ତାଳୀ ସମ୍ମିଳନୀକୁ ସମ୍ବୋଧିତ କରି ରାଷ୍ଟ୍ରପତି ଏହା କହିଛନ୍ତି । ଆନ୍ତର୍ଜାତିକ ସାନ୍ତାଳୀ ପରିଷଦ ଦ୍ୱାରା ଏହି ସମାରୋହରେ ଆୟୋଜନ କରାଯାଇଛି । ରାଷ୍ଟ୍ରପତି କହିଛନ୍ତି, ସମୃଦ୍ଧ ସାନ୍ତାଳୀ ସଂସ୍କୃତି ଏବଂ ପରମ୍ପରା, ପ୍ରକୃତି, ପରିବେଶ ସଂରକ୍ଷଣ ଓ ସହାବସ୍ଥାନ ସୁରକ୍ଷା ଦିଗରେ ବ୍ୟାପକ ଭାବେ ସଂଶ୍ଳିଷ୍ଟ ରହିଛି । ସାନ୍ତାଳ ସଂପ୍ରଦାୟର ଅଲ୍‌ଚିକି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ଅନ୍ତର୍ଭୁକ୍ତ କରାଯାଇଛି । ୨୦୨୩ ମସିହାରୁ ବିଭିନ୍ନ ରାଜ୍ୟରେ ଅନେକ ଆଦିବାସୀ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇଛି, ଯାହାକି ଆଦିବାସୀଙ୍କ ମହାନ ସଂସ୍କୃତି, ପରମ୍ପରା ଓ ଇତିହାସକୁ ଗୌରବାନ୍ୱିତ କରିଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

**V/O**

# ପିଏମ୍-ଦିଲ୍ଲୀ ପ୍ରୋଜେକ୍ଟସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ପ୍ରାୟ ୩୩ ହଜାର ୫୦୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ୧୮ ହଜାର ୩୦୦ କୋଟି ଟଙ୍କା ବ୍ୟୟରେ ଦିଲ୍ଲୀ ମେଟ୍ରୋ ପ୍ରକଳ୍ପର ଦୁଇଟି ନୂତନ କରିଡରକୁ ଉଦ୍‌ଘାଟନ କରିବା ସହିତ ପଞ୍ଚମ ପର୍ଯ୍ୟାୟ ଅଧୀନରେ ୧୬ କିଲୋମିଟରରୁ ଅଧିକ ଦୈର୍ଘ୍ୟ ବିଶିଷ୍ଟ ୩ଟି ନୂତନ କରିଡରର ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି । ଜିପିଆର୍‌ଏ ପୁନଃ ବିକାଶ ଯୋଜନା ଅଧୀନରେ ଶ୍ରୀ ମୋଦୀ ୧୫ ହଜାର

୨୦୦ କୋଟି ଟଙ୍କାର କେତେକ ଆବାସିକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ।

## ଜନଔଷଧୀ ଦିବସ

ଅଷ୍ଟମ ଜନଔଷଧୀ ଦିବସ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ଗୁଣାତ୍ମକ ଜେନେରିକ୍ ଔଷଧ ପ୍ରଦାନ ଲକ୍ଷ୍ୟ ନେଇ କାର୍ଯ୍ୟକାରୀ କରାଯାଇଥିବା ଏହି ଯୋଜନା ସଂପର୍କରେ ଅଧିକ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ପ୍ରତିବର୍ଷ ମାର୍ଚ୍ଚ ମାସ ୭ ତାରିଖକୁ ଜନଔଷଧୀ ଦିବସ ଭାବେ ପାଳନ କରାଯାଇଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଭାରତୀୟ ଜନଔଷଧି ପରିଯୋଜନା ସମାଜ ଉପରେ ସକାରାତ୍ମକ ପ୍ରଭାବ ପକାଇଛି । ଅଗଣିତ ପରିବାର ଏହା ଦ୍ୱାରା ସୁଫଳ ପାଇବା ସହ ସେମାନଙ୍କର ସ୍ୱାସ୍ଥ୍ୟସେବା ବାବଦ ଖର୍ଚ୍ଚ ମଧ୍ୟ ହ୍ରାସ ପାଇଛି । ଏହି ପରିଯୋଜନା ଦେଶବାସୀଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ ପାଇବା ସୁନିଶ୍ଚିତ କରିବା ସଂକ୍ରାନ୍ତ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ପ୍ରତିଫଳନ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଏଲ୍‌ପିଜି ପ୍ରାଇସ୍ ହାଇକ୍

ଅଣସବ୍‌ସିଡିଯୁକ୍ତ ଘରୋଇ ଏବଂ ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ପିଛା ଦର ବୃଦ୍ଧି ପାଇଛି । ତୈଳ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଦେଶର ମହାନଗର ନିଗମ ଗୁଡ଼ିକରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି କରାଯାଇଛି ।  ଭାରତୀୟ ତୈଳ ନିଗମ-ଆଇଓସିଏଲ୍ ଦେଇଥିବା ସୂଚନା ଅନୁଯାୟୀ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ପିଛା ଦର

୧୧୫ ଟଙ୍କା ବୃଦ୍ଧି ହୋଇଛି । ଏହି ବର୍ଦ୍ଧିତ ଦର ଆଜିଠାରୁ ଲାଗୁ ହୋଇଛି । ଦିଲ୍ଲୀରେ ଘରୋଇ ଗ୍ୟାସ୍ ସିଲିଣ୍ଡର ପିଛା ୯୧୩ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ମୁମ୍ବାଇରେ ୯୧୨ଟଙ୍କା ୫୦ ପଇସା, କୋଲକାତାରେ ୯୩୯ ଟଙ୍କା ଏବଂ ଚେନ୍ନାଇରେ ୯୨୮ ଟଙ୍କା ୫୦ ପଇସା ହୋଇଛି ।

## ନାଇଡୁ-ଏୟାର ବସ୍ ସେଣ୍ଟର

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି, ବିଶ୍ୱ ଦକ୍ଷତା କ୍ଷେତ୍ରରେ ଭାରତ ଏକ କେନ୍ଦ୍ରୀ ଭାବେ ଉଭା ହୋଇଛି । ୟୁରୋପ ବାହାରେ ଭାରତରେ ଏୟାର ବସ୍ ସଂସ୍ଥା ଏହାର ଦ୍ୱିତୀୟ ସର୍ବବୃହତ ଡିଜିଟାଲ କେନ୍ଦ୍ର ପ୍ରତିଷ୍ଠା କରିଛି । ବେଙ୍ଗାଲୁରୁଠାରେ ଏହି ଏୟାର ବସ୍ ଇଣ୍ଡିଆ ପ୍ରଯୁକ୍ତିବିଦ୍ୟା କେନ୍ଦ୍ରକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରି ଶ୍ରୀ ନାଇଡୁ କହିଛନ୍ତି, ଦେଶରେ ବର୍ଦ୍ଧିତ ଦକ୍ଷ ଶକ୍ତିର ଏହା ପ୍ରମାଣ କରୁଛି। ଏହି ବ୍ୟବସ୍ଥା ଏୟାର ବସ୍ ବାଣିଜ୍ୟିକ ବିମାନ ଓ ହେଲିକପ୍ଟରଗୁଡ଼ିକର କାର୍ଯ୍ୟକାରିତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି ମନ୍ତ୍ରୀ ଶ୍ରୀ ନାଇଡୁ ଆଶା ବ୍ୟକ୍ତ କରିଛନ୍ତି ।

## ନେପାଳ-ଇଲେକ୍ସନ

ନେପାଳରେ ଜେନ୍‌ଜି ବିକ୍ଷୋଭ ପରବର୍ତ୍ତୀ ପ୍ରଥମ ସାଧାରଣ ନିର୍ବାଚନରେ ବାଲେନ୍ଦ୍ର ଶାହାଙ୍କ ରାଷ୍ଟ୍ରୀୟ ସ୍ୱାଧୀନତା ପାର୍ଟି ଏକ ବଡ଼ ବିଜୟ ଆଡ଼କୁ ଅଗ୍ରସର ହେଉଛି । ସେଠାକାର ନିର୍ବାଚନ କମିଶନର ଦେଇଥିବା ସୂଚନା ଅନୁଯାୟୀ ୧୬୫ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୧୬୧ର ଉପଲବ୍ଧ ତଥ୍ୟ ଅନୁଯାୟୀ  କାଠମାଣ୍ଡୁର ୧୦ଟି ନିର୍ବାଚନ ମଣ୍ଡଳୀକୁ ମିଶାଇ ୩୬ଟି ଆସନରେ ରାଷ୍ଟ୍ରୀୟ ସ୍ୱାଧୀନତା ପାର୍ଟି ବିଜୟ ଲାଭ କରିଛି । ନେପାଳୀ

କଂଗ୍ରେସ ୬ଟି ଆସନ ହାସଲ କରିଥିବା ବେଳେ ନେପାଳୀ କମ୍ୟୁନିଷ୍ଟ ପାର୍ଟି ୨ଟି ଏବଂ ନେପାଳ କମ୍ୟୁନିଷ୍ଟପାର୍ଟି ମାର୍କ୍ସବାଦୀ ଲେଲିନ୍‌ଷ୍ଟ୍ ଗୋଟିଏ ଆସନ ପାଇଛି । ଅନ୍ୟ ୮୩ଟି ଆସନରେ ରାଷ୍ଟ୍ରୀୟ ସ୍ୱାଧୀନତା ପାର୍ଟି-ଆରଏସ୍‌ପି ଆଗୁଆ ରହିଛି । ୩୫ ବର୍ଷୀୟ ଇଞ୍ଜିନିୟର ବାଲେନ୍ଦ୍ର ଶାହା ନେପାଳର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ବୋଲି ଆଶା କରାଯାଉଛି ।

---

## ୱେଷ୍ଟ ଏସିଆ କନଫ୍ଲିକ୍ଟ

ପଶ୍ଚିମ ଏସିଆରେ ସୃଷ୍ଟ ସାମରିକ ସଂଘର୍ଷ ଆଜି ଅଷ୍ଟମ ଦିନରେ ପହଞ୍ଚିଛି । ଆମେରିକା, ଇସ୍ରାଏଲ୍ ମିଳିତ ବାହିନୀ ଏବଂ ଇରାନ ପକ୍ଷରୁ ବିମାନ ଓ ଡ୍ରୋନ୍ ଆକ୍ରମଣ ଜାରି ରହିଛି । ଇରାନ ରାଜଧାନୀ ତେହରାନ୍‌ରେ ଆଜି ସକାଳୁ ପ୍ରବଳ ଆକ୍ରମଣ ହୋଇଛି । ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଭିଡ଼ିଓରେ ତେହରାନ୍‌ର ମେହରାବାଦ ବିମାନ ବନ୍ଦରରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି ।

ତେହରାନ୍‌ର ପୂର୍ବ ଓ ପଶ୍ଚିମାଞ୍ଚଳରେ ବିସ୍ଫୋରଣ ହେବା ସହ ଆକାଶ ଧୂଆଁମୟ ହୋଇଉଠିଥିଲା । ଇସ୍ରାଏଲ୍ ସେନା ପକ୍ଷରୁ ତେହରାନ ଉପରେ ନୂତନ ଭାବେ ଆକ୍ରମଣ କରାଯାଉଥିବା ଘୋଷଣା କରାଯାଇଛି । ଇରାନର ଜାତିସଂଘ ରାଷ୍ଟ୍ରଦୂତ ଆମିର ସୟଦ ଇରାଭାନୀ କହିଛନ୍ତି, ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ବିମାନ ଆକ୍ରମଣରେ ମହିଳା ଓ ଶିଶୁଙ୍କୁ ମିଶାଇ ୧ ହଜାର ୩୩୨ ଜଣ ଇରାନୀ ନାଗରିକଙ୍କର ମୃତ୍ୟୁ ହୋଇଛି । ସାଧାରଣ ନାଗରିକ ଏବଂ ଭିତ୍ତିଭୂମି କ୍ଷେତ୍ରକୁ ଲକ୍ଷ୍ୟ କରି ମିଳିତ ସେନା ଆକ୍ରମଣ କରୁଥିବା ରାଷ୍ଟ୍ରଦୂତ ଇରାଭାନୀ ଅଭିଯୋଗ କରିଛନ୍ତି । ଇରାନ ଆତ୍ମରକ୍ଷା ନିମନ୍ତେ ପଦକ୍ଷେପ ଗ୍ରହଣ କରୁଛି ।

ଅନ୍ୟପକ୍ଷରେ ଆମେରିକାର କେନ୍ଦ୍ରୀୟ କମାଣ୍ଡ କହିଛି, ଅପରେସନ ଏପିକ୍ ଫ୍ୟୁରୀର ପ୍ରଥମ ସପ୍ତାହରେ ୩ ହଜାରରୁ ଅଧିକ ଲକ୍ଷ୍ୟସ୍ଥଳରେ ଆକ୍ରମଣ କରାଯାଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହିତ କୌଣସି ପ୍ରକାର ଚୁକ୍ତିକୁ ପ୍ରତ୍ୟାଖ୍ୟାନ କରିବା ସହିତ ନିଃସର୍ତ୍ତ ଆତ୍ମସମର୍ପଣ ପାଇଁ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀଟ୍ରମ୍ପ କହିଛନ୍ତି, ଆମେରିକା ଏବଂ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ଇରାନକୁ ଧ୍ୱଂସର ପଥରୁ ଫେରାଇ ଆଣିବା ପାଇଁ ଅଧିକ ପରିଶ୍ରମ କରିବେ ଏବଂ ପୂର୍ବାପେକ୍ଷା ଆର୍ଥିକ କ୍ଷେତ୍ରରେ ବୃହତ ତଥା ଶକ୍ତିଶାଳୀ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ।

ଇସ୍ରାଏଲ୍ ଓ ଆମେରିକାର ସାମରିକ ଘାଟିଗୁଡ଼ିକ ଉପରେ ଇରାନ ପକ୍ଷରୁ ପ୍ରତିଶୋଧମୂଳକ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ କରାଯାଇଛି । ଉପସାଗରୀୟ ଆରବ ରାଷ୍ଟ୍ରଗୁଡ଼ିକ ଉପରେ ଇରାନ ବହୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଦ୍ୱାରା ଆକ୍ରମଣ କରିଛି ।

ସାଉଦୀ ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ପ୍ରିନ୍ସ ସୁଲତାନ ବିମାନ ଘାଟି ଆଡ଼କୁ ନିକ୍ଷେପ କରାଯାଇଥିବା ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ପ୍ରତିହତ କରାଯାଇ ପାରିଛି ।

## ପ୍ରେଜ୍-ଓ୍ୱିମେନ୍ସ ଡେ

ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ମାନେକ୍‌ସା କେନ୍ଦ୍ରଠାରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ସମ୍ବୋଧନ କରିବେ । ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ

ଠାକୁର କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ । ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି କାର୍ଯ୍ୟକ୍ରମରେ ସଶସ୍ତ୍ର ବାହିନୀ, ପୁଲିସ୍ ତଥା ଅନ୍ୟାନ୍ୟ କ୍ଷେତ୍ରର ପ୍ରତିନିଧିଙ୍କ ସମେତ ବିଭିନ୍ନ ମନ୍ତ୍ରଣାଳୟ ଓ ସଂଗଠନରେ କାର୍ଯ୍ୟରତ ପ୍ରାୟ ୧ ହଜାରରୁ ଅଧିକ ମହିଳା ପ୍ରତିନିଧି ଏଥିରେ ଅଂଶ ଗ୍ରହଣ କରିବେ । ଆସନ୍ତାକାଲି ଉଦ୍‌ଘାଟନୀ ଅବସରରେ ଦୁଇଟି ଦୁଇଟି ପ୍ରସଙ୍ଗ ଭିତ୍ତିକ କର୍ମଶାଳାର ଆୟୋଜନ କରାଯାଇଛି । ସେଥିମଧ୍ୟରେ ଶ୍ରମ ସଂହିତା-ମହିଳା ସଶକ୍ତିକରଣ ବୃଦ୍ଧି ଏବଂ ସ୍ୱୟଂସହାୟକ ଗୋଷ୍ଠୀର ମହିଳାଙ୍କୁ ଉଦ୍ୟୋଗୀ ଭାବେ ସଶକ୍ତ କରିବା ଆଦି ପ୍ରସଙ୍ଗ ଅନ୍ତର୍ଭୁକ୍ତ । ବିଭିନ୍ନ କ୍ଷେତ୍ରରେ ମହିଳାଙ୍କୁ ସଶକ୍ତ କରିବା ଏବଂ ସମାଜରେ ଲିଙ୍ଗଗତ ସମାନତା, ସୁରକ୍ଷା ଓ ମର୍ଯ୍ୟାଦାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଥାଏ ।

## ଡବ୍ଲୁସିଡି-ଶକ୍ତି ୱାର୍କ

ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଆସନ୍ତାକାଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀଠାରେ ଏକ ଶକ୍ତି ପଦଯାତ୍ରା ଶୀର୍ଷକ ମହିଳା ନେତୃତ୍ୱାଧୀନ ପଦଯାତ୍ରାର ଆୟୋଜନ କରାଯାଉଛି । ସକାଳ ସାଢ଼େ୭ଟାରୁ ଇଣ୍ଡିଆ ଗେଟ୍‌ରୁ ବାହାରି ଏହି ପଦଯାତ୍ରା କର୍ତ୍ତବ୍ୟପଥ ଦେଇ ପୂର୍ବାହ୍ନ ୧୦ଟାରେ ବିଜୟଚୌକ୍‌ଠାରେ ପହଞ୍ଚିବ । ବିଭିନ୍ନ କ୍ଷେତ୍ରରେ ମହିଳା ନେତୃତ୍ୱ ଏବଂ ଅବଦାନକୁ ମାନ୍ୟତା ପ୍ରଦାନ କରିବା ତଥା ସମାଜରେ ମହିଳାଙ୍କ ସୁରକ୍ଷା ଏବଂ ସଶକ୍ତିକରଣ ଦିଗରେ ସରକାରଙ୍କ ଅଙ୍ଗୀକାରବଦ୍ଧତାର ପ୍ରଦର୍ଶନ ସ୍ୱରୂପ ଏହି ପଦଯାତ୍ରା

ଆୟୋଜନ କରାଯାଇଛି । ମହିଳା ଜନପ୍ରତିନିଧିଙ୍କ ନେତୃତ୍ୱରେ ଆୟୋଜିତ ହେବାକୁ ଥିବା ପଦଯାତ୍ରାରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ, ସାଂସଦ, ବିଧାୟକଙ୍କ ସମେତ ବିଭିନ୍ନ ମନ୍ତ୍ରଣାଳୟ, ସଂଗଠନର ପ୍ରାୟ ୩ ହଜାର ମହିଳା ପ୍ରତିନିଧି ଅଂଶ ଗ୍ରହଣ କରିବେ ବୋଲି ଜଣାପଡ଼ିଛି ।

୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାରରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଏଭଳି ପଦକ୍ଷେପକୁ ସ୍ୱୀକୃତି ପ୍ରଦାନ କରୁଛି ।

---